## ବନ୍ଧୁକ ଜବତ, ଶିକାରୀ ଗିରଫ

ବଡ଼ଣା,(ପରିକ୍ଷିତ ସାହୁ): ଧଣ୍ଡାତୋପା ରେଞ୍ଜର ତଲେଇପଥର ଜଙ୍ଗଲରେ ଗୁରୁବାର ବନବିଭାଗ ଚଢ଼ାଉ କରି ଠାକୁରଗଡ଼ ଥାନା ଦାମଦରପୁର ଗ୍ରାମର ସୁଶୀଲ ନାୟକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତ କରିବା ସହ ୪ ଟି ଅଫୁଟା ଗୁଳି ଜବତ କରାଯାଇଛି। ବନବିଭାଗ କହିଛି, ସୁଶୀଲ ଏକ ବନ୍ଧୁକ ଧରି ତଲେଇପଥର ଜଙ୍ଗଲରେ ଜନ୍ତୁ ଶିକାର କରିବା ପାଇଁ ବୁଲୁଥିବାବେଳେ ଖବରପାଇ ଫରେଷ୍ଟରଙ୍କ ଅଞ୍ଜଳି ବେହେରା, ଫରେଷ୍ଟର ଗାର୍ଡ ଦାମଦର ପ୍ରଧାନ ଚଢ଼ାଉ କରିଥିଲେ।

# ମିଛ ଫଟୋ ଦେଖାଇ ଭୁତେଇଦେଲେ

ଢେଙ୍କାନାଳ, ୧୩।୭(ରତନ ନାୟାର)



'୫-ଟି' ସଚିବଙ୍କ ଗସ୍ତ ବେଳେ ବିଏସ୍‌କେୱାଇ ହେଲ୍ପ ଡେସ୍କରେ ପ୍ରଦର୍ଶିତ ତଥ୍ୟ (ବାମ)। ଘଟଣା ଜଣାପଡ଼ିବା ପରେ ତରବରିଆ ଭାବେ ଏହାକୁ ବାହାର କରିଦିଆଯାଇଛି।

- '୫-ଟି' ସଚିବଙ୍କ ପରିଦର୍ଶନ ସମୟରେ ମିଥ୍ୟା ତଥ୍ୟ ପ୍ରଦର୍ଶିତ
- ସ୍ୱାସ୍ଥ୍ୟ ବିଭାଗ ବ୍ୟାନରରେ ଅଣ ବିଏସ୍‌କେୱାଇ ହିତାଧିକାରୀ
- ବାଆଁରେଇଲେ ସିଡିଏମ୍‌ଓ, ମୁଣ୍ଡରୁ ଦୋଷ ହଟାଇବାକୁ ମସୁଧା

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ଲାଭ ନେଇଥିବା ଦର୍ଶାଇ ବ୍ୟାନରରେ ଛାପିଲେ ଯୁବକଙ୍କ ନାମ। ସ୍ତ୍ରୀଙ୍କ ଫଟୋ ମଧ୍ୟ ବ୍ୟବହାର କଲେ। ହେଲେ ସମ୍ପୃକ୍ତ ଯୁବକ ଯେ ରାଜ୍ୟ ସରକାରଙ୍କ ଏଭଳି ବହୁମୁଖୀ ସ୍ୱାସ୍ଥ୍ୟ ଯୋଜନାର ହିତାଧିକାରୀ ନୁହନ୍ତି, ତାହା ସ୍ପଷ୍ଟ ହୋଇଛି। '୫-ଟି' ସଚିବଙ୍କ ପରିଦର୍ଶନ ବେଳେ ନିଜର ପାରିବାପଣିଆ ଜାହିର କରିବା ଏବଂ ସଚିବଙ୍କୁ ଭୁତାଇବାକୁ ଯାଇ ଢେଙ୍କାନାଳ ସ୍ୱାସ୍ଥ୍ୟ ବିଭାଗ ଏଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦର୍ଶନ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହା ଧରାପଡ଼ିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ମୁଖିଆ ନିଜ ମୁଣ୍ଡରୁ ଦୋଷ ଝାଡ଼ିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ବିଭାଗୀୟ ଅପାରଗତା ଲୁଚାଇବାକୁ ସେ ବ୍ୟାନର ଛାପିଥିବା ଦୋକାନୀଙ୍କ ଉପରକୁ ଦୋଷ ଠେଲିଛନ୍ତି, ଯାହା ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ଘଟଣାରୁ ଜଣାପଡ଼ିଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଗତ ୧୧ ତାରିଖରୁ ଦୁଇଦିନିଆ ଜିଲା ଗସ୍ତରେ ଆସିଥିଲେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍। ଗତ ବୁଧବାର ପୂର୍ବାହ୍ନ ୮ଟା ୪୫ରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସଚିବଙ୍କ ଗସ୍ତ ପୂର୍ବରୁ ବାହାବା ନେବାକୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଥିଲା। ତେବେ ବିଏସ୍‌କେୱାଇ ହେଲ୍ପ ଡେସ୍କରେ ଲାଗିଥିବା ଏକ ବ୍ୟାନର ପାଇଁ ଏବେ ବିଭାଗର ମୁଣ୍ଡବ୍ୟଥା ବଢ଼ିଯାଇଛି। ଉକ୍ତ ବ୍ୟାନରରେ ବିଏସ୍‌କେୱାଇରେ ସାମିଲ ହୋଇ ନ ଥିବା କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ନାମ ଲେଖାଯାଇଥିଲା। ଯୁବକଙ୍କ ବଦଳରେ ତାଙ୍କ ସ୍ତ୍ରୀଙ୍କ ଫଟୋ ମଧ୍ୟ ଏଥିରେ ଛପାଯାଇଥିଲା। ହେଲେ ବିଏସ୍‌କେୱାଇରେ ଚିକିତ୍ସା ସେବାର ଲାଭ ଉଠାଇବା ତ ଦୂରର କଥା, ସେ କେବେ ଅସ୍ତ୍ରୋପଚାର ହୋଇ ନ ଥିବା କହିଛନ୍ତି। କେବଳ ଏତିକି ନୁହେଁ, ଯେଉଁ ବେସରକାରୀ କ୍ଲିନିକ୍‌ରେ ସେ ଅସ୍ତ୍ରୋପଚାର ହୋଇଛନ୍ତି ବୋଲି ରେକର୍ଡଭୁକ୍ତ କରାଯାଇଥିଲା, ତାହା ମଧ୍ୟ ମିଥ୍ୟା ବୋଲି ଜଣାପଡ଼ିଛି। ଏହାକୁ ସମ୍ପୃକ୍ତ କ୍ଲିନିକ୍ କର୍ତ୍ତୃପକ୍ଷ ମଧ୍ୟ ସ୍ୱୀକାର କରିଛନ୍ତି।

ଏହି ଖବର ପ୍ରଘଟ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଅଡୁଆ ବଢ଼ିଛି। ଉକ୍ତଦିନ ୫-ଟି ସଚିବଙ୍କ ଆଗରେ ଏଭଳି ଆହୁରି ଅନେକ ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦର୍ଶନ କରାଯାଇଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ପ୍ରଦର୍ଶିତ ବ୍ୟାନରଗୁଡ଼ିକୁ ଯାଞ୍ଚ କଲେ ଏହା ସ୍ପଷ୍ଟ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପଟେ ଘଟଣା ଜଣାପଡ଼ିବା ପରେ ତରବରିଆ ଭାବେ ବ୍ୟାନର ବାହାର କରି ଦିଆଯାଇଛି। ଏପରି କି ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କେତେଜଣ ମୁଷ୍ଟିମେୟ କର୍ମଚାରୀ ଏହାକୁ ଚପାଇ ଦେବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ନାୟକଙ୍କ ପ୍ରତିକ୍ରିୟା ଲୋଡ଼ାଯାଇଥିବା ବେଳେ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ପ୍ରିଣ୍ଟିଂ କରିଥିବା ଦୋକାନୀ ଭୁଲ୍ କରିଛି କହି ଫୋନ୍ କାଟି ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କହିଲେ, ଏଭଳି ଭୁଲ୍ ହେବା କଥା ନୁହେଁ। ଘଟଣା ସମ୍ପର୍କରେ ଶୁଣିବା ପରେ ବିଭିନ୍ନ ଲୋକଙ୍କୁ ସେ ପଚାରିଥିଲେ। ପ୍ରିଣ୍ଟିଂ ସମୟରେ ଭୁଲ୍ ହୋଇଥିବା ସେ ଶୁଣିଛନ୍ତି। ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ମେଡିକାଲ)ଙ୍କୁ ଜଣାଇବେ ବୋଲି ସେ କହିଛନ୍ତି। '୫-ଟି' ସଚିବଙ୍କ ଜିଲା ଚିକିତ୍ସାଳୟ ପରିଦର୍ଶନ ବେଳେ ବିଏସ୍‌କେୱାଇ ସମ୍ପର୍କିତ ମିଥ୍ୟା ତଥ୍ୟ ପ୍ରଦର୍ଶନ କରାଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହାକୁ ବିଭାଗୀୟ ଅଧିକାରୀ ଏବଂ ଠିକା କର୍ମଚାରୀ ହାଲୁକା ଭାବେ ନେବା ଏହି ଯୋଜନାର ତ୍ରୁଟିଶୂନ୍ୟ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଂକ୍ଷେପରେ

### ଅଜଗର ସାପ ଛୁଆ ଉଦ୍ଧାର



ଢେଙ୍କାନାଳ, ୧୩।୭(ରତନ ନାୟାର): ଢେଙ୍କାନାଳ ସହର ରଥଗଡ଼ା ନିକଟ ଦଧିବାମନଜୀଉ ମଠ ପରିସରରୁ ଏକ ଅଜଗର ସାପ ଛୁଆ ଉଦ୍ଧାର କରାଯାଇଛି। ଏହାର ଆନୁମାନିକ ବୟସ ୨ରୁ ୩ ମାସ ମଧ୍ୟରେ ହେବ। ସାପଟି ମଠ ପରିସରରେ ଥିବା ସୂଚନା ପାଇ ସର୍ପ ଉଦ୍ଧାରକାରୀ ଦଳର ସଦସ୍ୟ ସୂର୍ଯ୍ୟକାନ୍ତ ବେହେରା ଓ ଶଙ୍କର ନାୟକ ପହଞ୍ଚି ଏହାକୁ ଉଦ୍ଧାର କରିଥିଲେ। ସୂର୍ଯ୍ୟକାନ୍ତ କହିଛନ୍ତି, ମଠ ପରିସର କିମ୍ବା ଆଖପାଖ ଅଞ୍ଚଳରେ ଏହାର ମା' ରହିଥିବା ସନ୍ଦେହ କରାଯାଉଛି। ସାଧାରଣତଃ ଅଣ୍ଡାରୁ ଫୁଟିବା ପରେ ଛୋଟ ସାପ ବର୍ଷାଜଳରେ ଭାସି ଆସିଥାଆନ୍ତି। ତେଣୁ ସେମାନଙ୍କୁ କ୍ଷତି ନ ପହଞ୍ଚାଇ ସୂଚନା ଦେବାକୁ ସୂର୍ଯ୍ୟକାନ୍ତ ନିବେଦନ କରିଛନ୍ତି। ଅନ୍ୟପଟେ ଉଦ୍ଧାର ଅଜଗର ଛୁଆକୁ ମେଘା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ଛାତ୍ରଙ୍କ ଛାତିକୁ ମୁଥ ମାରିବା ଘଟଣା: ଶିକ୍ଷୟିତ୍ରୀ ନିଲମ୍ବିତ

ଢେଙ୍କାନାଳ, ୧୩।୭(ରତନ ନାୟାର)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ବ୍ଲକ ସଦରସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପ୍ରାର୍ଥନା ସଭା ଚାଲିଥିବାବେଳେ ଶିକ୍ଷୟିତ୍ରୀଙ୍କ ମୁଥରେ ଷଷ୍ଠ ଶ୍ରେଣୀ ଛାତ୍ର ଗଣପତି ମହନ୍ତ (୧୨) ଗୁରୁତର ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ଶିକ୍ଷୟିତ୍ରୀ କ୍ଷଣପ୍ରଭା ବେହେରାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିବେଦିତା ପାଣି ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଘଟଣାର ତଦନ୍ତ ଦାୟିତ୍ୱ କଙ୍କଡ଼ାହାଡ଼ ବ୍ଲକ ଶିକ୍ଷାଧିକାରୀଙ୍କୁ ଦିଆଯାଇଛି। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଇଓ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କଙ୍କଡ଼ାହାଡ଼ ବ୍ଲକ କେର୍‌ଜୋଳି ପଞ୍ଚାୟତ ଗୋପପୁର ଗ୍ରାମର ସମ୍ପୃକ୍ତ ଛାତ୍ରଙ୍କୁ ପ୍ରାର୍ଥନା ସଭାରେ ଶିକ୍ଷୟିତ୍ରୀ କ୍ଷଣପ୍ରଭା ମୁଥ ମାରିଥିବା ଅଭିଯୋଗ ହୋଇଥିଲା। ଗୁରୁତର ଛାତ୍ରଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ମଣ୍ଡିରେ ଅନିୟମିତତା ଅଭିଯୋଗ

ଢେଙ୍କାନାଳ,୧୩।୭(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଶିଆଁ ପଞ୍ଚାୟତର ଚାଷୀମାନେ ଅଞ୍ଚଳର ଧାନ ମଣ୍ଡିକୁ ଅନ୍ୟ ଏକ ଗ୍ରୁପ୍‌କୁ ଦେବାକୁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ, ଧାନମଣ୍ଡିରେ ଅନିୟମିତତା ହେଉଛି। ଏହି ଦାୟିତ୍ୱ ଅନ୍ୟ ଏସ୍‌ଏଚ୍‌ଜିକୁ ପ୍ରଦାନ କରିବାକୁ ପୂର୍ବରୁ ସେମାନେ ଦାବି କରିଥିଲେ। ଏହାକୁ ମାସେ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଅଭିଯୋଗର ଉପଯୁକ୍ତ ତଦନ୍ତ କରି ୨୦୨୩-୨୪ ବର୍ଷର ମଣ୍ଡି ବ୍ୟବସ୍ଥା କରିବା ଲାଗି ଚାଷୀ ରାଜେନ୍ଦ୍ର ପତି, ତ୍ରିନାଥ ସ୍ୱାଇଁ, ସୁରେନ୍ଦ୍ର ମୋହନ ପତି, ଧୀରେନ୍ଦ୍ର ତରାଇ, ଶୁକଦେବ ମହାରଣା, ଅଜୟ ପତି, ରବିନାରାୟଣ ସାହୁ, ଗୟାଧର ତରାଇ, ବାଇଶିଆଁ ପାକ୍ସ ପ୍ରେସିଡେଣ୍ଟ ସଞ୍ଜୀବ କୁମାର ସାମଲଙ୍କ ସମେତ ବହୁ ଚାଷୀ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ନିରଦ ରଞ୍ଜନ ଦାସ କୁହନ୍ତି, ଚାଷୀମାନେ ଅଭିଯୋଗ କରିଛନ୍ତି। କିନ୍ତୁ ବର୍ତ୍ତମାନ କିଛି କରିହେବନି। ଦାବି ଅନୁଯାୟୀ ବର୍ତ୍ତମାନର ମଣ୍ଡିରେ ଅଧିକ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ଜଣାଇ ଦିଆଯାଇଛି।



କାର୍ଯ୍ୟକ୍ରମରେ ଇନରହ୍ୱିଲ କ୍ଲବର ସଦସ୍ୟାମାନେ।

## ରାକ୍ଷୀ ସରାଓଗି ନୂତନ ସଭାନେତ୍ରୀ

**ଇନରହ୍ୱିଲ କ୍ଲବର ଅଧିଷ୍ଠାନ ଉତ୍ସବ**

ଢେଙ୍କାନାଳ, ୧୩।୭(ରତନ ନାୟାର)

ଢେଙ୍କାନାଳ ଇନରହ୍ୱିଲ କ୍ଲବର ଅଧିଷ୍ଠାନ ଉତ୍ସବ ବୁଧବାର ସ୍ଥାନୀୟ ଜିଲା ପରିଷଦ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୨୩-୨୪ ବର୍ଷର ନୂତନ ସଭାନେତ୍ରୀ ଭାବେ ରାକ୍ଷୀ ସରାଓଗି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ସଭାନେତ୍ରୀ ଅର୍ଚ୍ଚନା ମହାପାତ୍ର ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେହିପରି ନୂତନ ଉପସଭାନେତ୍ରୀ ଗାୟତ୍ରୀ ହିଣ୍ଡୋଚା, ସମ୍ପାଦିକା ଶ୍ରଦ୍ଧା ଅଗ୍ରୱାଲ, କୋଷାଧ୍ୟକ୍ଷା ଅମିତା ଜୟସ୍ୱାଲ, ଆଇଏସ୍‌ଓ ସସ୍ମିତା ଆଚାର୍ଯ୍ୟ, ବୁଲେଟିନ୍ ସମ୍ପାଦିକା ତୃପ୍ତି ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ଶ୍ରୀନୁ ପଟ୍ଟନାୟକ ଯୋଗଦେଇଥିଲେ। ଚଳିତବର୍ଷ ଅନ୍ତର୍ଜାତୀୟସ୍ତରରେ ଇନରହ୍ୱିଲ କ୍ଲବ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ ଅବସରରେ ଶିକ୍ଷିତ ଓ ସ୍ୱାବଲମ୍ବୀ ହେବାକୁ ମହିଳାଙ୍କୁ ଆହ୍ୱାନ ଦିଆଯାଇଛି। ସାମର୍ଥ୍ୟ ଅନୁଯାୟୀ ଅବହେଳିତ ମହିଳା ଓ ଶିଶୁଙ୍କୁ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ସ୍ୱଚ୍ଛତା କର୍ମୀ ମଞ୍ଜୁ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସମ୍ପାଦିକା ଈଶ୍ୱରୀ ଝାୱର ବିବରଣୀ ଉପସ୍ଥାପନ କରିଥିଲେ। ସଦସ୍ୟା ରୋଜାଲିନ ସ୍ୱାଇଁଙ୍କ ସଂଯୋଜନାରେ ସ୍ୱର୍ଣ୍ଣଲତା ପଣ୍ଡା, ସରିତା ଅଗ୍ରୱାଲ, ଆଇ. ରୁପାରାଣୀ, ପ୍ରୋତିମା ସିହ୍ନା, ଜୟଲକ୍ଷ୍ମୀ ଦାସ, ଗୀତାଞ୍ଜଳି ନନ୍ଦ, ସସ୍ମିତା ଶତପଥୀ, ଅପର୍ଣ୍ଣା ରଥ, ରିତିକା ଅନୁଭୂତି, ଊଷା ଅଗ୍ରୱାଲ, ମମତା ପୁହାଣ, ଖୁସ୍‌ବୁ ବେଗମ୍, ଦୀପ୍ତିମୟୀ ଲେଙ୍କା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ୟାପକ ହେବ ନିଶା ନିବାରଣ ଅଭିଯାନ

ଢେଙ୍କାନାଳ, ୧୩।୭(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ କାଠଗଡ଼ାସ୍ଥିତ ସମତା ନଗର ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ପରିସରରେ ନିଶା ନିବାରଣ ଅଭିଯାନ ସମ୍ପର୍କିତ ଜିଲା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସରୋଜ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରମାକାନ୍ତ ମଣ୍ଡଳ, ପ୍ରଦୀପ ସାହୁ, ଗିରିଜା ନାୟକ, ବିନୟ ସାହୁ, ପ୍ରଫୁଲ୍ଲ ମହାନ୍ତି, ବନିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ନିଶାଠାରୁ ଦୂରେଇ ରହିବା ଲାଗି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। ସେମାନଙ୍କ ସହାୟତାରେ ଗ୍ରାମାଞ୍ଚଳରେ ନିଶା ନିବାରଣ ଅଭିଯାନକୁ ବ୍ୟାପକ କରାଯିବ। ଏଥିଲାଗି ଜୁଲାଇ ୨୦ରେ ଯୁବ ଶିବିର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।


ନିଶା ନିବାରଣ ଅଭିଯାନ ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ।

## ୩୭ ୟୁନିଟ୍ ରକ୍ତ ସଂଗ୍ରହ


ଜଣେ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ, ୧୩।୭(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଗୁରୁଦେବଜୀ ଫାଉଣ୍ଡେଶନ ଏବଂ ମହାଦେବ ବାହିନୀର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୋଟ୍ ୩୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଖବରଦାତା ଅଥୟ ସାହୁ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ନ୍ୟୁ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତ, ଶକ୍ତିବାହିନୀ ସଭାନେତ୍ରୀ ସସ୍ମିତା ଦାସ, ମହାଦେବ ବାହିନୀ ଆବାହକ ଯୁଧିଷ୍ଠିର ସାହୁ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆଶୁତୋଷ ପାଢ଼ୀ, ଇନ୍ଦ୍ରଜିତ୍ ସାହୁ, ସତ୍ୟଜିତ୍ ଦଳେଇ, ସୌମ୍ୟମମତା ମିଶ୍ର, ଶୁଭ୍ରାସିନୀ ସାହୁ, ସ୍ମିତା ଷଡ଼ଙ୍ଗୀ, ମମତା ମହନ୍ତ, ଲୋପାମୁଦ୍ରା ସାହୁ, ପ୍ରୀତିସ୍ୱରୂପା ଦାଶ, ରୋଜାଲିନ୍ ସାହୁ, ଡାର୍ଲିନ୍ ଡାଲଟ୍‌ନ, ବଦ୍ରିନାଥ ବରାଳ, ବିଶାଳ ଦାଶ, ସୋମେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସାଇ ସତ୍‌ସଙ୍ଗ ପକ୍ଷରୁ ରକ୍ତଦାନ ଶିବିର ୧୬ରେ

ଢେଙ୍କାନାଳ,୧୩।୭(ରତନ ନାୟାର)

ରକ୍ତ ଅଭାବ ଦୂର କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ସାଇ ସତ୍‌ସଙ୍ଗ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୧୬ ତାରିଖରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏ ସଂକ୍ରାନ୍ତ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଶିବିର ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଏହି ମହତ୍ କାର୍ଯ୍ୟକ୍ରମରେ ସମସ୍ତ ସାଇ ଅନୁଗାମୀ, ସ୍ୱେଚ୍ଛାକୃତ ରକ୍ତଦାତା, ସାମାଜିକ ଅନୁଷ୍ଠାନ, ରକ୍ତଦାତା ଅନୁପ୍ରେରକ ସଂଘକୁ ସାମିଲ ହେବା ପାଇଁ ନିବେଦନ କରାଯାଇଛି। ବୈଠକରେ ସଭାପତି ଅଜୟ ସାହୁ, କୋଷାଧ୍ୟକ୍ଷ ଅମରେନ୍ଦ୍ର ଖୁଣ୍ଟିଆ, କାର୍ଯ୍ୟକାରୀ ସଦସ୍ୟ ସୁବାସ ଦାସ, ଅରୂପ ପରିଜା, ରଘୁନନ୍ଦନ ସାହୁ, ପ୍ରଶାନ୍ତ ସାହୁ, ପାର୍ଥସାରଥି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରମାକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଟ୍ରଷ୍ଟର ସଦସ୍ୟମାନେ।

## ଆଇଆଇଏସ୍ ପାଇଲେ ସସ୍ମିତା ପାଇକରାୟ

ଭୁବନେଶ୍ୱର, ୧୩।୭
(ଶର୍ମିଷ୍ଠା ପାଣିଗ୍ରାହୀ)



କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ସୂଚନା ସେବା (ଆଇଆଇଏସ୍) ସିନିୟର ଗ୍ରେଡ୍ ପଦବୀ ପାଇଁ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷାରେ ଓଡ଼ିଆ ଭାଷା ବର୍ଗରୁ 'ଧରିତ୍ରୀ'ର ପୂର୍ବତନ ଖବରଦାତା ସସ୍ମିତା ପାଇକରାୟ କୃତକାର୍ଯ୍ୟ ହୋଇଛନ୍ତି। ବିଭିନ୍ନ ଭାଷାରେ ମୋଟ ୩୪ଟି ପଦବୀ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସେଥିରୁ ୨୯ ଜଣ ସଫଳତା ହାସଲ କରିଛନ୍ତି। ସସ୍ମିତା ୨୦୧୪ରେ ଆଇଆଇଏମ୍‌ସି, ଢେଙ୍କାନାଳରୁ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିବା ପରେ 'ଧରିତ୍ରୀ'ରେ ଖବରଦାତା ଭାବେ ଯୋଗଦେଇ ୭ ବର୍ଷ କାର୍ଯ୍ୟ କରିଥିଲେ। ଏଥିସହିତ ଓଡ଼ିଆ ଭାଷା ବର୍ଗରେ ଅନ୍ୟ ୨ ଜଣ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ପଦ୍ମଲୋଚନ ପ୍ରଧାନ ଏବଂ ଆଲୋକ ଚନ୍ଦ୍ର ବାରିକ।

## ଯାଦବଙ୍କ ଏକତ୍ରୀକରଣକୁ ଗୁରୁତ୍ୱ

ଭୁବନ, ୧୩।୭(ବିପିନ ବିହାରୀ ସେଠୀ)

କାମାକ୍ଷାନଗର ଉପଖଣ୍ଡସ୍ତରୀୟ ଯାଦବ ସମାଜର ବୈଠକ ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଲେଖ ପ୍ରସାଦ ଦାସ ଅଧ୍ୟକ୍ଷତା କରି ଯାଦବଙ୍କ ଏକତ୍ରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କରିଥିଲେ। ଉପସଭାପତି ମହେଶ୍ୱର ଖିଲାର ଯାଦବଙ୍କ ଉନ୍ନତି, ଯୁବପିଢ଼ିଙ୍କ କର୍ମନିୟୋଜନ, ନାରୀ ସଶକ୍ତୀକରଣ, ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ସାଧୁ ଚରଣ ଭୋଇ, ସହସମ୍ପାଦକ ଚକ୍ରଧର ବେହେରା, ସଂଯୋଜକ ଉପେନ୍ଦ୍ର ମହାକୁଡ଼, ବରିଷ୍ଠ କର୍ମକର୍ତ୍ତା ରାମଚନ୍ଦ୍ର ବେହେରା, ଜଗନ୍ନାଥ ବେହେରା, ପର୍ଶୁରାମ ଦାସ, ହେମନ୍ତ ବେହେରା, ବିଜୟ ଦାସ, ପ୍ରମୋଦ ବେହେରା, ଗଙ୍ଗାଧର ପ୍ରଧାନ, ରଙ୍ଗାଧର ବେହେରା, ପ୍ରଦୀପ ବେହେରା, ମହାଦେବ ବାରିକ, ଚଟୁ ବେହେରା, ନିରଞ୍ଜନ ବେହେରା ପ୍ରମୁଖ ସଙ୍ଗଠନର ଅଭିବୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ।



## ୩ ମାସ ମଧ୍ୟରେ ସିଟି ସ୍କାନ୍ ସେବା

ଢେଙ୍କାନାଳ, ୧୩।୭(ରତନ ନାୟାର)

- ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ
- ଡଷ୍ଟବିନ୍‌ରେ ତମାଖୁ ଜରି ଦେଖି ବିରକ୍ତ ହେଲେ

ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ଗୁରୁବାର ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ପ୍ରସ୍ତାବିତ ସିଟି ସ୍କାନ୍ ସେବା ପାଇଁ ନିର୍ଦ୍ଧାରିତ ପ୍ରକୋଷ୍ଠ ଏବଂ ଏହାର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ୩ମାସ ମଧ୍ୟରେ ହସ୍ପିଟାଲରେ ସିଟି ସ୍କାନ୍ ସେବା ଆରମ୍ଭ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାଶ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାଇରିଆ ସମେତ ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ଚିକିତ୍ସାଳୟ ପରିସରରେ ଥିବା ଡଷ୍ଟବିନ୍‌ରେ ବିପୁଳ ପରିମାଣର ତମାଖୁ ଜରି ପଡ଼ିଥିବା ଦେଖି ସେ ବିରକ୍ତି ପ୍ରକାଶ କରିଥିଲେ। ଆଗକୁ ଯେପରି ଏଭଳି ନ ହୁଏ, ସେଥିପ୍ରତି ଯତ୍ନବାନ ହେବାକୁ ସେ ତାଗିଦା କରିଛନ୍ତି।

ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ସିଟିସ୍କାନ୍ ନିହାତି ଜରୁରୀ। ଏହାକୁ ଖୁବ୍ କମ୍ ଦିନ ମଧ୍ୟରେ ଇନ୍‌ଷ୍ଟଲ୍ କରାଯିବ। ସେଥିପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ ପରିଦର୍ଶନ କରାଯାଇଛି। ଏମ୍‌ଆରଆଇ ବ୍ୟବସ୍ଥା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଲେ, ଏହା କେବଳ ଲାଗିଲେ ହେବନାହିଁ। ଏଥିପାଇଁ ସୁପର ସ୍ପେଶାଲିଷ୍ଟ ଡାକ୍ତର ଆବଶ୍ୟକ। ପାଖରେ ଥିବା ମେଡିକାଲ କଲେଜ ଜିଲା ମୁଖ୍ୟ ଚିକିତ୍ସାଳୟରୁ କେତେଦୂର ତାହା ମଧ୍ୟ ଦେଖିବାକୁ ପଡ଼ିବ। ଡାକ୍ତର ଅଭାବ ସମ୍ପର୍କରେ କହିଲେ, ସବୁଠି ଡାକ୍ତର ଅଭାବ ରହିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ରାଜ୍ୟରେ ନିକଟରେ ୧୦୦୦ରୁ ଊର୍ଦ୍ଧ୍ୱ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ଆଗାମୀ ଦିନରେ ୫୦୦୦ ଡାକ୍ତର ନିଯୁକ୍ତି ଦେବା ଲାଗି ଉଦ୍ୟମ ଜାରି ରହିଛି। ରାଜ୍ୟରେ ୬୭% ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ମେଡିକାଲ) ଡା. ଜୟକୃଷ୍ଣ ନାୟକ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### କଲ୍ୟାଣମଣ୍ଡପ ସ୍ଥାନ ଚିହ୍ନଟ କଲେ ଏମ୍‌ପି

**ତାଳଚେର, ୧୩।୭(ମନୋଜ ନନ୍ଦ):** ତାଳଚେର ପୌରାଞ୍ଚଳରେ କଲ୍ୟାଣ ମଣ୍ଡପଟିଏ ନ ଥିବାରୁ ବିବାହ, ବ୍ରତ ଠାରୁ ଆରମ୍ଭ କରି ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଲୋକେ ସମସ୍ୟାରେ ପଡୁଛନ୍ତି। ଏ ନେଇ ପୌରାଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଅଭିଯୋଗ କରାଯାଇଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଉଦ୍ୟମ ଆରମ୍ଭ କରିଛନ୍ତି। ଗୁରୁବାର ଏମ୍‌ପି ସାହୁ ପୌରାଞ୍ଚଳରେ ବୁଲି କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ପୌରାଞ୍ଚଳର ରାମଚନ୍ଦ୍ର ବଜାର ନିକଟରେ ଥିବା ପରିତ୍ୟକ୍ତ ଓ ଅବ୍ୟବହୃତ ଶୌଚାଳୟକୁ ଭଙ୍ଗାଯାଇ ସେଠାରେ ଏକ କଲ୍ୟାଣମଣ୍ଡପ ନିର୍ମାଣ କରିବାକୁ ଏମ୍‌ପି ପୌରପାଳିକାକୁ ପ୍ରସ୍ତାବ ଦେଇଛନ୍ତି। ଏଠାରେ କଲ୍ୟାଣମଣ୍ଡପ ନିର୍ମାଣ ହେଲେ ପୌରାଞ୍ଚଳର ୬, ୭, ୮, ୯, ୧୦ ଓ ୧୧ ନମ୍ବର ୱାର୍ଡର ଜନସାଧାରଣ ଉପକୃତ ହୋଇପାରିବେ। ଏ ସମ୍ପର୍କରେ ଏମ୍‌ପି ପୌରପରିଷଦ ନଗରପାଳ ପବିତ୍ର ଭୂତିଆ ଓ ନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ଚିହ୍ନଟ ସ୍ଥାନରେ ମଣ୍ଡପ ନିର୍ମାଣ ପାଇଁ ପରାମର୍ଶ ଦେଇଥିଲେ। ତେବେ ପୌରପାଳିକା ପକ୍ଷରୁ କୁହାଯାଇଥିଲା ଯେ, ଦୀର୍ଘ ୪/୫ବର୍ଷ ତଳୁ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ୫୦ ଲକ୍ଷ ଟଙ୍କା ଗଚ୍ଛିତ ରହିଛି। କିନ୍ତୁ ଉପଯୁକ୍ତ ସ୍ଥାନ ନିରୂପଣ ହୋଇ ନ ପାରିବାରୁ ମଣ୍ଡପ ନିର୍ମାଣରେ ବାଧା ସୃଷ୍ଟି ହୋଇଛି। ଏଥିସହ ୪ଟି କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଥିବା ପୌରପାଳିକା ପକ୍ଷରୁ କୁହାଯାଇଛି।

# ବର୍ଷା ହେଲେ ସମ୍ଭବ ହେଉନି ବିଦ୍ୟାଦାନ

- ଦୁର୍ବଳ ଥିବା ବିଦ୍ୟାଳୟ ଛାତରୁ ଗଳୁଛି ପାଣି
- ପୁରାତନ ଶିକ୍ଷାନୁଷ୍ଠାନ ପ୍ରତି ଚରମ ଅବହେଳା
- ଜିଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

**ବଇଣ୍ଡା, ୧୩।୭(ପରିକ୍ଷିତ ସାହୁ)**



**ଦୀର୍ଘବର୍ଷ ପୁରୁଣା ହୋଇଥିବାରୁ କୋଠା ଅବସ୍ଥା ଅତ୍ୟନ୍ତ ଦୁର୍ବଳ। ଝିପି ଝିପି ବର୍ଷା ହେଲେ ଛାତରୁ ଗଳୁଛି ପାଣି। ସ୍ଥିତି ଏତେ ଖରାପ ଯେ ଏପରି ସମୟରେ ସମ୍ଭବ ହେଉନି ବିଦ୍ୟାଦାନ। ୯୪ ବର୍ଷର ଶିକ୍ଷାନୁଷ୍ଠାନ ପ୍ରତି ଶିକ୍ଷା ପ୍ରଶାସନର ଚରମ ଅବହେଳା ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ।**

ଗୁଣାତ୍ମକ ଶିକ୍ଷାଦାନ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତରେ ଥିବା ତାଳବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତି ବୁଜି ଦିଆଯାଇଛି ଆଖି। ଏଠାରେ ଶ୍ରେଣୀଗୃହ ଠାରୁ ଆରମ୍ଭ କରି ଶିକ୍ଷକ ଅଭାବ ସମସ୍ୟା ରହିଥିଲେ ମଧ୍ୟ ଦୀର୍ଘବର୍ଷ ହେଲା କରାଯାଉନି ସମାଧାନ। ଏ ନେଇ ଅସନ୍ତୁଷ୍ଟ ଥିବା ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି, ୧୯୨୯ ମସିହାରେ ସରକାର ତାଳବାହାଲି ଗ୍ରାମରେ ଏହି ସ୍କୁଲ ସ୍ଥାପନ କରିଥିଲେ। ତାଳବାହାଲି, ପୋକଣ୍ଡା, ବିଡିସିଙ୍ଗ ଗ୍ରାମବାସୀ ଏହି ବିଦ୍ୟାଳୟରେ ସେମାନଙ୍କ ପିଲାମାନଙ୍କୁ ପଢ଼ାଉଛନ୍ତି। ଏହି ବିଦ୍ୟାଳୟକୁ ୯୪ ବର୍ଷ ହୋଇଥିଲେ ମଧ୍ୟ ଏହାର ବିକାଶ କରାଯାଉନାହିଁ। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ବର୍ତ୍ତମାନ ୧୫୧ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ହେଲେ ଏହି ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶ୍ରେଣୀ ନାହିଁ। ୮ଟି ଶ୍ରେଣୀ ପାଇଁ ମାତ୍ର ୪ଟି କୋଠରି ରହିଛି। ଫଳରେ ପ୍ରତ୍ୟେକ ଶ୍ରେଣୀ ଗୃହରେ ୨ଟି ଲେଖାଏ ଶ୍ରେଣୀର ପିଲାଙ୍କୁ ପଢ଼ାଯାଉଛି। ଦୀର୍ଘବର୍ଷ ପୁରୁଣା ଉକ୍ତ ସ୍କୁଲ ଛାତ ଦୁର୍ବଳ ଅବସ୍ଥାରେ ରହିଥିବାରୁ ବର୍ଷା ହେଲେ ପାଣି ଗଳୁଛି। ତେଣୁ ଏହି ସମୟରେ ପାଠ ପଢ଼ା ବନ୍ଦ ରହୁଛି। ବିଦ୍ୟାଳୟରେ ୬ ଜଣ ଶିକ୍ଷକ ଥିବାବେଳେ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ପଢ଼ାଇବା ପାଇଁ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ହେଲେ ଏ ଦିଗରେ ଦୃଷ୍ଟି ଦିଆଯାଉ ନାହିଁ। ସେହିପରି ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଛି। ପାଚେରି, ଖେଳ ପଡ଼ିଆ ନ ଥିବା ବେଳେ ରୋଷେଇ ଘର ନିର୍ମାଣ ହୋଇପାରୁନାହିଁ। ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ମାସ ହେବ ଅଚଳ ହୋଇପଡିଛି। ଏ ସବୁ ସମସ୍ୟାର ସମାଧାନ ପାଇଁ ଶିକ୍ଷା କମିଟି ଓ ଗ୍ରାମବାସୀ ୧୨ ଜାନୁୟାରୀ ୨୦୧୮, ୫ ଅଗଷ୍ଟ ୨୦୨୧ ଓ ୨୨ ମାର୍ଚ୍ଚ ୨୦୨୩ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଆଠମଲ୍ଲିକ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ତୁରନ୍ତ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲମ୍ବୋଦର ଭୋଇ କହିଛନ୍ତି, ସମସ୍ତ ସମସ୍ୟା ସମ୍ପର୍କରେ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଛି। ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢି କହିଛନ୍ତି, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

### କୌଣସି ପଦକ୍ଷେପ ନିଆଯାଉ ନାହିଁ



ବିଦ୍ୟାଳୟରେ ଅନେକ ସମସ୍ୟା ଲାଗି ରହିଛି। ହେଲେ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବହୁ ପୁରାତନ ବିଦ୍ୟାଳୟକୁ ଅବହେଳା କରାଯାଉଥିବାରୁ ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଛି।

-ରତିରଞ୍ଜନ ରାଉତ, ବିଡିସିଙ୍ଗ

### ଅଧିକ ଶିକ୍ଷକ ନିଯୁକ୍ତି କରାଯାଉ



ଆବଶ୍ୟକ ଶ୍ରେଣୀଗୃହ ନ ଥିବା ଯୋଗୁ ଗୋଟିଏ କୋଠରିରେ ୨ଟି ଲେଖାଏ ଶ୍ରେଣୀର ଛାତ୍ରୀଛାତ୍ର ପଢୁଛନ୍ତି। ବର୍ଷା ହେଲେ ଛାତରୁ ପାଣି ଗଳୁଥିବାରୁ ପାଠପଢ଼ା ବନ୍ଦ ରହୁଛି। ୮ମ ଶ୍ରେଣୀ ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକ ନିଯୁକ୍ତି କରାଯାଉ ନାହିଁ।

-ପ୍ରତାପ କୁମାର ପ୍ରଧାନ

### ୫-ଟି ଅଧୀନକୁ ନିଆଯାଉ



ବିଦ୍ୟାଳୟରେ ଖେଳପଡ଼ିଆ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ଖେଳିପାରୁ ନାହାନ୍ତି। ଏହି ପୁରାତନ ବିଦ୍ୟାଳୟ ପ୍ରତି ସରକାର ଦୃଷ୍ଟି ଦେଉ ନ ଥିବାରୁ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ତୁରନ୍ତ ୫-ଟି ଅଧୀନକୁ ଏହି ଶିକ୍ଷାନୁଷ୍ଠାନକୁ ନିଆଯାଉ।

-ଦିଲୀପ କୁମାର ପ୍ରଧାନ, ଶିକ୍ଷାବିତ୍

### ୫-ଟି ସଚିବଙ୍କୁ ଦାବିପତ୍ର ଦିଆଯାଇଛି



ତାଳବାହାଲି ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ବହୁବାର ବିଇଓଙ୍କ ଠାରୁ ଆରମ୍ଭ କରି ବିଡିଓ, ଜିଲାପାଳ, ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଏ ନେଇ ମଧ୍ୟ ୫-ଟି ସଚିବଙ୍କୁ ଦାବିପତ୍ର ଦିଆଯାଇଛି।

-ନିରୋଜକାନ୍ତ ସାହୁ, ସରପଞ୍ଚ

## ଚୋରା କୋଇଲା ଜବତ, ୫ ଗିରଫ

**ଅନୁଗୋଳ, ୧୩।୭ (ଅମିତ କୁମାର ସାମଲ)**

ଅନୁଗୋଳ ସଦର ଥାନା ପୋଲିସ ଗୁରୁବାର ଚୋରା କୋଇଲା ଚାଲାଣ ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୩୮୮/୨୩ ଓ ୩୮୯/୨୩ରେ ୨ଟି ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ବଙ୍ଗୁ ଗ୍ରାମର ବାବୁଲା ସାହୁ(୩୨), ବାଲମି ଥାନା ଠାକରା ଗ୍ରାମର ବାପି କୁମାର ମାଝି(୪୦), ନୀଳକଣ୍ଠ ଦାଶ(୫୫) ଓ ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମର ବସନ୍ତ ସାହୁ(୫୩) ଏବଂ ସଦର ଥାନା ଗୋପାଳପ୍ରସାଦ ଗାଁର ବିଖୁ ଗୋଛାୟତ(୨୬)। ପୋଲିସ କହିଛି, ଅନୁଗୋଳ ସଦର ପୋଲିସ ଗୁରୁବାର ଭୋର ସମୟରେ ପାଟ୍ରୋଲିଂ କରୁଥିବା ବେଳେ ଛେଳିଆପଡ଼ା ଛକରେ ଚଢ଼ାଉ କରି ଏକ ଟାଟା ଏସିଇ(ନଂ. ଓଡି୦୬-ଇ ୩୭୪୬)କୁ ଅଟକାଇ ଥିଲା। ଏଥିରେ ଚୋରା କୋଇଲା ଚାଲାଣ ହେଉଥିବା ଜାଣିବା ପରେ ତଦନ୍ତ କରି ୪ଜଣଙ୍କୁ ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ଗିରଫ କରିଥିଲେ। ସେହିପରି ଗୋପାଳପ୍ରସାଦରୁ ଅନୁଗୋଳକୁ ଚୋରରେ କୋଇଲା ଚାଲାଣ କରୁଥିବା ବିଖୁ ଗୋଛାୟତଙ୍କୁ ନତଡ଼ା ଅଞ୍ଚଳରେ ଚଢ଼ାଉ କରି ସଦର ଥାନା ଏସ୍‌ଆଇ ତୁଷାରକାନ୍ତ ମହାନ୍ତି ଗିରଫ କରିଥିଲେ ବୋଲି ଥାନା ଅଧିକାରୀ ଧୀରେନ ବେହେରା ସୂଚନା ଦେଇଛନ୍ତି।

## ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

**ଆଠମଲ୍ଲିକ, ୧୩।୭(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଏନ୍‌ଏସିର ନୂତନ ନିର୍ବାହୀ ଅଧିକାରୀ ଭାବେ ଅବିନାଶ ମହାନ୍ତି ଗୁରୁବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏଥିପୂର୍ବରୁ ସେ ବାଣପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ବିଦାୟୀ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ଠାରୁ ନୂଆ ଅଧିକାରୀ ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁଙ୍କୁ ନୂଆ ନିର୍ବାହୀ ଅଧିକାରୀ ସାକ୍ଷାତ କରିଥିଲେ। ଏହାପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ପରିଚିତ ହୋଇଥିଲେ। ସଫେଇ କାର୍ଯ୍ୟକୁ ପ୍ରାଥମିକତା ଦିଆଯିବା ସହ ଆଠମଲ୍ଲିକକୁ ସୁନ୍ଦର ସହରରେ ପରିଣତ କରିବାରେ ସମସ୍ତେ ସହଯୋଗ କରନ୍ତୁ ବୋଲି ନୂଆ ନିର୍ବାହୀ ଅଧିକାରୀ ସହଯୋଗ କାମନା କରିଥିଲେ।



ନୂଆ ନିର୍ବାହୀ ଅଧିକାରୀଙ୍କ ସହ ଅଧ୍ୟକ୍ଷା ଓ କର୍ମଚାରୀମାନେ।

## ରୋଟାରି କ୍ଲବ ଅନୁଗୋଳର ଅଧିଷ୍ଠାନ ଉତ୍ସବ

**ଅନୁଗୋଳ, ୧୩।୭(ଅମିତ କୁମାର ସାମଲ)**

ରୋଟାରି କ୍ଲବ ଅନୁଗୋଳର ଅଧିଷ୍ଠାନ ଉତ୍ସବ ତଥା ସୁବର୍ଣ୍ଣ ଜୟନ୍ତୀ ପାଳନର ଶୁଭାରମ୍ଭ କାର୍ଯ୍ୟକ୍ରମ ରୋଟାରି ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୨୦୨୩-୨୪ ବର୍ଷର ନୂତନ ସଭାପତି ଭାବେ ଶିକ୍ଷାବିତ୍ ଓ ପ୍ରଶାସକ ଡ. ଧରଣୀଧର ନାଥ ଓ ସମ୍ପାଦକ ଭାବେ ଉଲ୍ଲାସ ଚନ୍ଦ୍ର ଚମ୍ପତିରାୟ ଶପଥ ନେଇଥିଲେ। ପୂର୍ବତନ ସଭାପତି ଯଜ୍ଞେଶ ନାରାୟଣ ମିଶ୍ର ଓ ସମ୍ପାଦକ ସୁଜିତ ସାହୁ ନୂଆ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ମୁଖ୍ୟଅତିଥି ଭାବେ ଜୟଶ୍ରୀ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ରବିନାରାୟଣ ନନ୍ଦ ଯୋଗଦାନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନର ଲୋଗୋ ଓ କ୍ଲବ ୱେବସାଇଟ୍‌କୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। କ୍ଲବର ମୁଖପତ୍ର ଗୋଲଡେନ ଚାରିଅଟକୁ ମୁଖ୍ୟଅତିଥି ଲୋକାର୍ପିତ କରିଥିଲେ। ଏହି ଅବସରରେ ରୋଟାରି ମାନବ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟଅତିଥି ଜୟଶ୍ରୀ ମହାନ୍ତିଙ୍କୁ ରୋଟାରି ସେବା ରତ୍ନ ସମ୍ମାନ ଓ ଡ. ଦୀପକ ଗଡ଼ନାୟକଙ୍କୁ ରୋଟାରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସମାଜସେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀ ରଞ୍ଜନ କୁମାର ସାହୁ, ଅଗ୍ନିଶମ ସେବା କାର୍ଯ୍ୟାଳୟର ଜଳନ୍ଧର ସ୍ୱାଇଁ, ପଦ୍ମଲୋଚନ ପାଳଶର୍ମାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ରୋଟାରି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଇଷିକା ପ୍ରଧାନ, ସୋନମ ସାହୁ, କଲ୍ୟାଣୀ ବିଶ୍ୱାଳ ଓ ଯୋଶେ ଗଜପାଳଙ୍କୁ ସମ୍ମାନିତ କରାଯାଇଥିଲା। ଅଧିଷ୍ଠାନ କମିଟି ଅଧ୍ୟକ୍ଷ ସତ୍ୟବ୍ରତ ସ୍ୱାଇଁ ଉପସ୍ଥିତ ଥିଲେ। ଡ. ଦୀପକ ସିଂହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଚିଦାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।



ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

## ଏନ୍‌ଏଚ୍‌ଏଆଇ ପକ୍ଷରୁ ଚାରା ରୋପଣ

**ଅନୁଗୋଳ, ୧୩।୭(ଅମିତ କୁମାର ସାମଲ)**

ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଆଜାଦୀ କି ଅମୃତ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କରାଯାଇଛି। ଚିହ୍ନଟ ହୋଇଥିବା ରାଜ୍ୟର ୧୧ଟି ସ୍ଥାନରେ ଏକହଜାର ଲେଖାଏ ଚାରା ରୋପଣ କରାଯାଇଛି। ଅନୁଗୋଳ ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ତୁବେ ଗ୍ରାମଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପରିବେଶ ଓ ଚାରାରୋପଣ ଯୁଗ୍ମ ଉପଦେଷ୍ଟା ଡ. ବ୍ରଜ ନାରାୟଣ ମହାନ୍ତି, ଜାତୀୟ ରାଜପଥ ପରିଚାଳକ ନୀତୀନ ଗୁପ୍ତ, ସାଇଟ ଯନ୍ତ୍ରୀ ଚନ୍ଦନ କୁମାର, ଉଦ୍ୟାନ କୃଷି ବିଶେଷଜ୍ଞ ଶ୍ୱେତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସହଯୋଗୀ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଗୌରହରି ଦାସ ଏହାକୁ ପରିଚାଳନା କରିଥିଲେ। ତୁବେ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ବାମୁର ସରପଞ୍ଚ ସଞ୍ଜିତ କୁମାର ପ୍ରଧାନ, ତୁବେ ସରପଞ୍ଚ ଅନିଲ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ତାଳଚେର, ୧୩।୭(ମନୋଜ ନନ୍ଦ)**

ତାଳଚେରସ୍ଥିତ 'ପବ୍ଲିକ ସର୍ଭିସ ୟୁନିଟ୍' ପକ୍ଷରୁ ଗୁରୁବାର ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାମଚନ୍ଦ୍ର ବଜାରସ୍ଥିତ ପବ୍ଲିକ ସର୍ଭିସ ୟୁନିଟ୍ କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ଦେବୀ ମିଶ୍ର ଏଥିରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଅନୁଷ୍ଠାନର ସେବା ମନୋଭାବକୁ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କଥା ମାନିଲେ ସୁନାଗରିକ ହୋଇପାରିବ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୌର ପରିଷଦ ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଓ କାଉନସିଲର ମମତା ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ତାଳଚେର ପୌରାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବଳରାମ କୁଣ୍ଡ, ଆନନ୍ଦ ମହାପାତ୍ର, କ୍ଷେତ୍ରବାସୀ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଗଙ୍ଗାଧର ଭୁତିଆ, ଟିକନ ମହାପାତ୍ର, କାର୍ଯ୍ୟାଳୟ ପରିଚାଳକ ସନ୍ତୋଷ ବେହେରା, ସହାୟକ ଗଗନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରମାନେ।

## ମରଣାନ୍ତକ ଆକ୍ରମଣ, ୪ ଗିରଫ

**ଅନୁଗୋଳ, ୧୩।୭ (ଅମିତ କୁମାର ସାମଲ)**

ତାଳଚେର ଥାନା ଅନାଦିପୁର ଅଞ୍ଚଳର ରାଜୀବ କୁମାର ଜେନାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ୪ ଜଣଙ୍କୁ ପୋଲିସ ଗିରଫ କରିଛି। ରାଜୀବଙ୍କ ସ୍ତ୍ରୀ ରଞ୍ଜିତା ଜେନାଙ୍କ ଅଭିଯୋଗ ପରେ ପୋଲିସ ନଂ. ୪୧୬/୨୩ରେ ମାମଲା ରୁଜୁ କରି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ କହିଛି, ଜୁନ୍ ୧୧ରେ ରାଜୀବଙ୍କୁ ବଙ୍ଗାଳି ତଇଳା ଜଙ୍ଗଲ ନିକଟରେ କଣ୍ଡାଳ ଗ୍ରାମର ଘନେଶ୍ୱର ଦେହୁରୀ(୨୮), ପୁପୁନ ଦେହୁରୀ(୨୫), ଜୟନ୍ତ ଭଞ୍ଜ ଓ ରେଣୁଣା ଅଞ୍ଚଳର ରିଙ୍କୁନ୍ ମହନ୍ତ(୨୭) ଆକ୍ରମଣ କରିଥିଲେ। ଖବରପାଇ ରାଜୀବଙ୍କ ସ୍ତ୍ରୀ ରଞ୍ଜିତା ପହଞ୍ଚି ସ୍ୱାମୀଙ୍କୁ ଉଦ୍ଧାର କରି ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି।

## ଆଖିଧରା ସଚେତନତା ଶିବିର

**ଛେଣ୍ଡିପଦା, ୧୩।୭(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଆଖିଧରା ଏବଂ ଫାଇଲେରିଆ ରୋଗ ନିରାକରଣ ସମ୍ବନ୍ଧୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଡାକ୍ତର ତାପସ କୁମାର ତ୍ରିପାଠୀ ଯୋଗଦେଇ ନିୟମିତ ସମୟରେ ଆଖିଧୋଇବା, ଘରୁ ବାହାରକୁ ଗଲେ କଳାଚଷମା ବ୍ୟବହାର କରିବା, ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବା ଏବଂ ଆଖି ଧରିଲେ ନିୟମିତ ଔଷଧ ପକାଇବା ସହ ଖରାରେ ନ ବୁଲିବା ପାଇଁ ଲୋକମାନଙ୍କୁ ସଚେତନ କରିଥିଲେ। ନିୟମିତ ମଶାରି ଟାଣି ଶୋଇଲେ ଏହି ରୋଗ ହେବ ନାହିଁ ବୋଲି ଡାକ୍ତର ତ୍ରିପାଠୀ ସଚେତନ କରିଥିଲେ। ଆସନ୍ତା ଅଗଷ୍ଟ ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ଘର ଘର ବୁଲି ଲୋକମାନଙ୍କୁ ବଟିକା ବଣ୍ଟନ କରାଯିବ ବୋଲି ଡାକ୍ତର ତ୍ରିପାଠୀ ପ୍ରକାଶ କରିଥିଲେ। ବାଗଡ଼ିଆ ଡାକ୍ତରଖାନା ଜନସାସ୍ଥ୍ୟ ବିଭାଗ ସାସ୍ଥ୍ୟକର୍ମୀ ଗେଲି ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ବାଗଡିଆ ପଞ୍ଚାୟତ ମିଶନଶକ୍ତି ବିଭାଗର ସମସ୍ତ କ୍ୟାଡର, ଆଶାକର୍ମୀ ଏବଂ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।



ଶିବିରରେ ମଞ୍ଚାସୀନ ଡାକ୍ତରମାନେ ସଚେତନ କରୁଛନ୍ତି।

## ଓଭରବ୍ରିଜ୍ କାର୍ଯ୍ୟ ସାରିବାକୁ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

**ତାଳଚେର, ୧୩।୭(ମନୋଜ ନନ୍ଦ)**

ତାଳଚେର-ଅନୁଗୋଳ ମୁଖ୍ୟ ରାସ୍ତାର ଘଣ୍ଟପଡା ଠାରେ ନିର୍ମାଣ ହେଉଥିବା ରେଲ୍‌ୱେ ଓଭରବ୍ରିଜ୍ କାର୍ଯ୍ୟ ଶେଷ ହେଉନାହିଁ। ଫଳରେ ଘଣ୍ଟା ଘଣ୍ଟା ଧରି ଏଠାରେ ରେଳ ଫାଟକ ବନ୍ଦ ରହିବା ଯୋଗୁ ସାଧାରଣ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଓଭରବ୍ରିଜ୍ କାର୍ଯ୍ୟ ଶୀଘ୍ର ଶେଷ କରିବା ସମ୍ପର୍କରେ ପଦକ୍ଷେପ ନେବାକୁ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଗୁରୁବାର ନୂଆଦିଲ୍ଲୀଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ରେଳମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୬ ମସିହାରୁ ଏମ୍‌ସିଏଲ୍ ଉକ୍ତ ଓଭରବ୍ରିଜ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦେଇଥିବା ବେଳେ ୨୦୧୮ମସିହାରେ ଏହା ଶେଷ ହେବା କଥା। କିନ୍ତୁ ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଠିକାଦାର କାର୍ଯ୍ୟ ଶେଷ କରିପାରୁ ନାହାନ୍ତି। ତୁରନ୍ତ ରେଳମନ୍ତ୍ରୀ କାର୍ଯ୍ୟ ସମୀକ୍ଷା କରିବା ସହ ଶୀଘ୍ର ନିର୍ମାଣ ସମ୍ପନ୍ନ କରିବା ଦିଗରେ ପଦକ୍ଷେପ ନେବାକୁ ଭାଜପା ରାଜ୍ୟ ସମ୍ପାଦକ ସାମଲ ଦାବି କରିଛନ୍ତି।



ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି କାଳନ୍ଦୀ ସାମଲ।

## ବନ୍ତଳା ଛକରେ ଜୋରଦାର ଆନ୍ଦୋଳନ

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

**ଅନୁଗୋଳ, ୧୩।୭ (ଅମିତ କୁମାର ସାମଲ)**

ହାତୀକୁ ନେଇ ଥମୁନାହିଁ ଆତଙ୍କ। ଅନୁଗୋଳ ଜିଲା ବନ୍ତଳା ଅଞ୍ଚଳରେ ଗତ ୭ ମାସ ହେବ ଏପରି ଆତଙ୍କ ସୃଷ୍ଟି କରିଥିବା ଦନ୍ତା ହାତୀ ଆକ୍ରମଣରେ ଗୁରୁବାର ଜଣେ ବୃଦ୍ଧ ଗୁରୁତର ହେବା ପରେ ଜୋରଦାର ଆନ୍ଦୋଳନ ହୋଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକେ ବନ୍ତଳା ଛକରେ ରାସ୍ତାରୋକୋ କରିବାରୁ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଛି। ଶେଷରେ ବନ ବିଭାଗର ବରିଷ୍ଠ ଅଧିକାରୀ ଓ ବନ୍ତଳା ପୋଲିସ ତୁରନ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ପ୍ରକାଶ ଯେ, ବନ୍ତଳା ବନାଞ୍ଚଳ ପୋକତୁଙ୍ଗା ଗ୍ରାମର ରଖେଲ ପ୍ରଧାନ(୭୮) ପ୍ରାତଃ ଭ୍ରମଣ କରୁଥିବା ବେଳେ ପୋକତୁଙ୍ଗା ଶିବ ମନ୍ଦିର ନିକଟରେ ଉକ୍ତ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। ରଖେଲଙ୍କ ମୁଣ୍ଡ ଓ ଅଣ୍ଟାରେ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ସମ୍ବଲପୁର-କଟକ ପୁରୁଣା ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ହାତୀ ଆତଙ୍କ ରୋକିବାକୁ ସରକାର ୪.୬୫ କୋଟି ଟଙ୍କା ମଞ୍ଜୁର କରିଥିବାରୁ ଆଗାମୀ ୪ରୁ ୫ ମଧ୍ୟରେ ସ୍ଥାୟୀ ପ୍ରତିକାର କାର୍ଯ୍ୟ ଶେଷ କରାଯିବ ବୋଲି ବନ ବିଭାଗ ଏସିଏଫ ରଞ୍ଜନ କୁମାର ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ବନ୍ତଳା ବନାଞ୍ଚଳ ଅଧିକାରୀ ନୀଳାଦ୍ରୀନାଥ ସାହୁ, ଥାନା ଅଧିକାରୀ ସୁମିତ୍ରା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବନ୍ତଳା ବନାଞ୍ଚଳ ଅଧିକାରୀ ନୀଳାଦ୍ରିନାଥ ସାହୁ କହିଛନ୍ତି, ରଖେଲଙ୍କୁ ହାତୀ ଆକ୍ରମଣ କରିଥିଲା। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଲୋକଙ୍କ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

